# Akashvani, Sambalpur

# SAMBALPURI NEWS BULLETIN

## 15 January 2025- 6.47- 6.52 am.

*********************************************

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ

ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ମେଗା ଷ୍ଟିଲ୍ ପ୍ଲାଂଟ       କେନ୍ଦୁଝର୍ ସମ୍ବାଦଦାତା

କେନ୍ଦୁଝର୍‌ଠାନେ ଗୁଟେ ମେଗା ଷ୍ଟିଲ୍ ପ୍ଲାଂଟ ବସାବାର୍ ଲାଗି ଜାନୁୟାରୀ ୨୮ ଆର୍ ୨୯ ତାରିଖ୍ ଭୁବନେଶ୍ୱର୍‌ଠାନେ ହେବାର୍‌କେ ଥିବା ଉକ୍ରର୍ଷ ଓଡ଼ିଶା କନ୍‌କ୍ଲେଭ୍ ନ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ସୂଚ୍‌ନା ଦେଇଛନ୍ । ୩ ଦିନିଆ କେନ୍ଦୁଝର୍ ଗସ୍ତର୍ ପହେଲା ଦିନେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଇ ବାବ୍‌ଦେ ସୂଚ୍‌ନା ଦେଇକରି ଇ ଷ୍ଟିଲ୍ ପ୍ଲାଂଟ ରାଜ୍ୟର୍ ବିକାଶ୍‌କେ ଆହୁରି ବର୍‌କସ୍ କର୍‌ବା ବଲି କହିଛନ୍ । ଇ ଉଧେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାର କାନ୍‌ପୁର ଡେମ୍‌ର ଉଦ୍‌ଘାଟନ୍ କରିକରି୍ ରାଇକଲାଠାନେ ନିଜର୍ ଘରେ ଲୁକ୍‌କର ଅଭିଯୋଗ ଶୁନିଥିଲେ । ସବୁ ସମସ୍ୟାର୍ ତୁର୍‌ତି ସମାଧାନ୍ ଲାଗି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ     ପିଆଇବି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀଠାନେ ବିକଶିତ୍ ଭାରତ୍ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ-୨୦୨୫ଥି ଭାଗ୍ ନେଇଥିବା ଓଡ଼ିଶାର୍ ଯୁଆନ୍ ପିଲାଟୁକେଲ୍ ମାନଙ୍କର୍ ସଙ୍ଗେ ଗଲାକାଏଲ୍ ଭେଟ୍ ହେଇକରି ବିକଶିତ୍ ଓଡ଼ିଶା ଆର୍ ବିକଶିତ୍ ଭାରତ୍ ଗଠନ୍‌କେ ନେଇକରି ଯୁବ ବର୍ଗର୍ ଆଭିମୁଖ୍ୟ ବିଷେଥି ଆଲୋଚନା କରିଛନ୍ । ପଂଚାୟତ୍‌ସ୍ତରୀୟ ଯୁବ ସମ୍ମିଳନୀ ଜରିଏ ଚିନ୍ତାଧାରାର୍ ଆଦାନପ୍ରଦାନ୍ ସହେତେ ଆତ୍ମନିର୍ଭର୍ ହେଇକରି ନିଯୁକ୍ତି ଖୁଜ୍‌ବାର୍ ବଦ୍‌ଲେ ନିଯୁକ୍ତିଦାତା ହେବାର୍‌କେ ପଡ଼ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ।

ଧାନ୍ ଘିନା- ନେଡ଼ାଲ୍ ଅଫିସର୍ ହି.ସ.

ରାଏଜେ ଖରିଫ୍ ଋତୁ ଲାଗି ସର୍‌କାରୀସ୍ତର୍‌ଥି ଧାନ୍ ଘିନା ପ୍ରକ୍ରିୟା ଜାରି ରହିଛେ । ପ୍ରକ୍ରିୟାକେ ସ୍ୱଚ୍ଛ ଆର୍ ନିରପେକ୍ଷ କର୍‌ବାର୍ ଲାଗି ସବୁ ମଣ୍ଡି ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍ ଲାଗି ଇହାଦେ ରାଜ୍ୟର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୯ ଶହ ୩ ଟା ମଣ୍ଡି ଲାଗି ୩ ହଜାର୍ ୮ ଶହ ୯୩ ଝନ୍ ନୋଡ଼ାଲ୍ ଅଧିକାରୀ ନିଯୁକ୍ତ ହେଇକରି ଧାନ୍ ଠୁଲାବାର୍ ପ୍ରକ୍ରିୟା ଉପ୍‌ରେ ନଜର୍ ରଖିଛନ୍ । ଫି’ ମଣ୍ଡି ନ ନୋଡ଼ାଲ୍ ଅଧିକାରୀମାନେ ନିଯୁକ୍ତ ହେବାର୍ ସହେତେ ୨ ନୁ ୩

ଟା ମଣ୍ଡିର୍ ଦାୟିତ୍ୱଥି ୯ନେ ସୁପର୍ଭାଇଜର୍ଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ଅଧିକାରୀମାନେ ମଣ୍ଡିକେ ଆସୁଥିବାର୍ ସବୁ ଚାଷୀମାନ୍କର୍ ସମସ୍ୟା ବାବ୍ଦେ ବୁଝ୍ବାର୍ ସହେତେ ତୁର୍ତି ପଦକ୍ଷେପ୍ ନେଉଛନ୍ ।

ମଧୁବାବୁ ଭତା ଯୋଜ୍ନା ଆର୍ଏନ୍ୟୁ /ସମ୍ବଲପୁର

ମଧୁବାବୁ ଭତା ଯୋଜ୍ନା ଆଉ ଜାତୀୟ ସାମାଜିକ୍ ସୁରକ୍ଷା ଯୋଜ୍ନା ଅଧୁନ୍ଥି ୮୦ ବରସ୍ ନୁ ଅଏତ୍କା ନାଗରିକ୍ ଆର୍ ୮୦ ପ୍ରତିଶତ୍କି ତାର୍ନୁ ଅଏତ୍କା ଭିନ୍ନକ୍ଷମଙ୍କର୍ ସାମାଜିକ୍ ସୁରକ୍ଷା ଭତା ୩ ହଜାର୍ ୫ ଶହ ଟଙ୍କାକେ ବଢ଼ାଯାଇଛେ । ଆଏଜ୍ଠାନୁ ଇଟା ଲାଗୁ ହେବା । ଇଥି ୪ ଲାଖ୍ ୧୫ ହଜାର୍ନୁ ଅଏତ୍କା ହିତାଧିକାରୀ ଲାଭ୍ ପାଏବେ ବଲି ସାମାଜିକ୍ ସୁରକ୍ଷା ଆର୍ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଗଲା ୩ ତାରିଖ୍ କେବିନେଟ୍ ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଥିଲା ।

ମେଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର-ପ୍ରଶ୍ନପତ୍ର/ଆର୍ଏନ୍ୟୁ ସମ୍ବଲପୁର

ମେଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କେ ରୁକ୍‌ବାର୍ ଲାଗି ପ୍ରଶ୍ନପତ୍ରଥି ବୁକ୍‌ଲେଟ୍ ନମ୍ବର୍ ଆଉ କ୍ୟୁଆର୍ କୋଡ଼୍ ନମ୍ବର୍ ୱାଟର୍ ମାର୍କଥି ରହେବା ବଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ କର୍ତୃପକ୍ଷ ନିଷ୍ପତି ନେଇଛନ୍ । କଟକ୍‌ନା ସତ୍ୱେ ଅନିୟମିତତା ଧରାପଡ୍‌ଲେ ପରୀକ୍ଷାର୍ଥୀ, ପରୀକ୍ଷକ ଆର୍ ସେଂଟର୍ ସୁପରିଟେଣ୍ଡେଂଟ୍‌ଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ସେନ୍ତା ପ୍ରଶ୍ନପତ୍ର ଭାଇରାଲ୍ ହେବାର୍ ପ୍ରମାଣ୍ ମିଲ୍‌ଲେ, ଇ ବାବ୍‌ଦେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଦାୟୀ ରହେବେ ବଲି ବୋର୍ଡ୍ କର୍ତୃପକ୍ଷ କହିଛନ୍ ।

ମହାକୁମ୍ଭ-ସାହିସ୍ନାନ                ଆର୍‌ଏନ୍‌ୟୁ /ସମ୍ବଲପୁର

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍ ଠାନେ ଚାଲିଥିବା ମହାକୁମ୍ଭ ମେଳାର୍ ଗଲାକାଏଲ୍ ଥିଲା ପହେଲା ସାହିସ୍ନାନ । ପବିତ୍ର ମକର୍‌ସଂକ୍ରାନ୍ତି ଅବ୍‌ସରେ ଗୁଟେ ଦିନେ ସାଢ଼େ ୩ କୋଟି ନୁ ଅଏତ୍‌କା ଶ୍ରଦ୍ଧାଳୁ ସଙ୍ଗମ୍ ନ ବୁଡ଼୍ ପକେଇଛନ୍ । ଇ ସାହି ସ୍ନାନ ସଖାଲର୍ ୬ ବାଜିକରି ୧୫ ମିନିଟ୍‌ନୁ ମୁଲ୍ ହେଇକରି ବେଲ୍‌ବୁଡ଼୍‌ର୍ ୬ ବାଜିକରି ୧୫ ମିନିଟ୍‌ତକ୍ ଚାଲିଥିଲା । ଜୁନା ଆଖଡ଼ା ସହେତେ ୧୩ ଟା ଆଖଡ଼ାର୍ ସାଧୁସନ୍ଥ ମାନେ

ଶୋଭାଯାତ୍ରାଥି ଯାଇକରି ସଙ୍ଗମ୍ ନ ବୁଡ୍ ପକେଇଥିଲେ । ତାର୍ ଉତ୍‌ରୁ ସାଧାରଣ୍ ଲୁକେ ଇ ସାହି ସ୍ନାନ କରିଥିଲେ ।

ପୁରୀ ଶ୍ରୀମନ୍ଦିର୍- ଧାଡ଼ିଦର୍ଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏବା ୨୦ ତାରିଖ୍‌ନୁ ଧାଡ଼ିଦର୍ଶନ୍ ସିଧାସଲଖ୍ ଭାବେ ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ଆଉ ପରୀକ୍ଷାମୂଲକ୍ ଭାବେ ନାଇଁ କରିକରି ସିଧାସଲଖ୍ ବେରିକେଡ୍ ଥାପ୍‌ନା କରାଯିବା ବଲି ମନ୍ତ୍ରୀ କହିଛନ୍ । ଭକ୍ତମାନେ ନାଟମଣ୍ଡପନୁ ଯେନ୍ତା ସୁରୁଖୁରୁଥି ଦର୍ଶନ୍ କରିପାର୍‌ବେ ସେଥିର୍‌ଲାଗି ବ୍ୟବସ୍ଥା କରାଯିବା ।

ସମ୍ବଲ୍‌ପୁରୀ ଧନୁଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ଠାନେ ୨ ନମ୍ବର୍ ସମ୍ବଲ୍‌ପୁରୀ ଧନୁଯାତ୍ରା ଆଏଜ୍‌ଠାନୁ ମୁଲ୍ ହେବା । ଆଏବା ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଯାତ୍ରାଥି ଗଙ୍ଗାଧର୍ ମଣ୍ଡପ୍ ନ ମଥୁରା ନଗରୀ ଆର୍ ଚାଉଁର୍‌ପୁର୍ ନ ଗୋପପୁର ହେବା । ଆଏଜ୍ ସଖାଳେ ମାଁ ସମଲେଶ୍ୱରୀଙ୍କର୍ ଠାନେ ପୂଜାର୍ଚ୍ଚନା ଉତ୍‌ରୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ମୁଲ୍

ହେବା ବଲି ଧନୁଯାତ୍ରା କମିଟିର୍ ସଭାପତି ସଞ୍ଜୟ ବାବୁ ସୂଚ୍ନା ଦେଇଛନ୍ ।

ଘୁମ୍ରା-୨୦୨୫ କଲାହାଣ୍ଡି ସମ୍ବାଦଦାତା

ଭବାନୀପାଟ୍ନାର୍ ଲାଲ୍ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ କଲାହାଣ୍ଡି ଉତ୍ସବ୍ ଘୁମ୍ରା-୨୦୨୫ ଗଲାକାଏଲ୍ ଉଦ୍ଘାଟିତ୍ ହେଇଯାଇଛେ । କଲାହାଣ୍ଡିର୍ ଭିନ୍ ଭିନ୍ ଧାର୍ମିକ୍ ପୀଠମାନ୍କର୍ନୁ ମଶାଲ୍ ଅନାଯାଇକରି ଉତ୍ସବ୍ ଜାଗା ନ ଥାପ୍ନା କରାଯାଇଥିଲା । କଲାହାଣ୍ଡି ଲୋକ୍ସଭା ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ୟୁପି ରୁଦ୍ରାସ୍ ଆଉ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍ଥି ଖେଲ୍ ମୁଲ୍ ହେବା ।

ଗଲାକାଏଲ୍ ହେଇଥିବା ମେଚ୍‌ଥି ଟିମ୍ ଗୋନାସିକା - ସୁର୍‌ମା ହକି କ୍ଲବ୍ କେ **୨-୧** ଗୋଲ୍‌ଥି ହରେଇଥିବାର୍ ବେଲେ ମହିଳା ବର୍ଗଥି ସ୍ୱାଚୀ ରାହା ବେଙ୍ଗଲ୍ ଟାଇଗର୍ସ -ଦିଲ୍ଲୀ ଏସ୍.ଜି. ପାଇପର୍ସକେ **୧**-ଶୂନ୍ ଗୋଲ୍‌ଥି ହରେଇଥିଲା ।